# ଡେଙ୍ଗୁ ରୋଗ ପ୍ରତି ସତର୍କ ଓ ସଚେତନ ରୁହନ୍ତୁ



ଡେଙ୍ଗୁ ରୋଗ ଏଡିସ୍ ମଶାଦ୍ୱାରା ବ୍ୟାପେ । ଏହି ମଶା ସାଧାରଣତଃ ସକାଳ ସମୟରେ ଓ ସନ୍ଧ୍ୟା ପୂର୍ବରୁ କାମୁଡେ ।

- ଏଡିସ୍ ମଶା ବାଡିରେ ପଡିଥିବା ଅବଢା ହାଣ୍ଡି,ଡିସ୍‌ପୋଜେବଲ୍ କପ୍, ଗ୍ଲାସ ଓ ଥାଳି,ପଇଡ ଖୋଳପା,ଟିଣ ଡବା କିମ୍ବା ଘରେ ଥିବା ଫୁଲକୁଣ୍ଡ, ଛାତ ଉପରେ ଥିବା ପାଣିଟାଙ୍କି କିମ୍ବା ଘର ଆଖପାଖରେ ଜମିଥିବା ସ୍ୱଚ୍ଛ ଓ ଅଳ୍ପ ପାଣିରେ ଡିମ୍ବ ଦେଇଥାଏ ।





- ଏସବୁ ଏଡିସ୍ ମଶା ବଂଶବୃଦ୍ଧି ଓ ଡେଙ୍ଗୁ ରୋଗ ବ୍ୟାପିବାର କାରଣ । ଏସବୁକୁ ହଟାଇବା କିମ୍ବା ନିୟମିତ ସଫା କରିବାର ବ୍ୟବସ୍ଥା କରନ୍ତୁ ।



- ମଶା କାମୁଡାରୁ ରକ୍ଷା ପାଇବା ପାଇଁ ନିୟମିତ ମଶାରୀ ଓ ଅନ୍ୟାନ୍ୟ ମଶା ନିବାରକ ବ୍ୟବହାର କରନ୍ତୁ ।



- ଦେହ, ହାତ ଓ ଗୋଡକୁ ସମ୍ପୂର୍ଣ୍ଣ ଘୋଡାଇ ରଖିପାରୁଥିବା ଭଳି ପୋଷାକ ପିନ୍ଧନ୍ତୁ ।



- ଜ୍ୱର ସହ ହାଡ ଗଣ୍ଠିରେ ଯନ୍ତ୍ରଣା ଓ ଆଖି ପଛପଟେ ଭୀଷଣ ଯନ୍ତ୍ରଣା ଅନୁଭବ ହେଉଥିଲେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଇ ଚିକିତ୍ସିତ ହୁଅନ୍ତୁ ।



**ଡେଙ୍ଗୁ ରୋଗର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ**

ଅଧିକ ସୂଚନା ପାଇଁ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା